

ଗୁରୁଙ୍କ ପାଦ ସ୍ପର୍ଶ ଇଟାଟିକୁ ମୁଁ ତକିଆ ଭାବରେ ବ୍ୟବହାର କରେ। ଯାହା କି ମୋର ମଥା ନିରନ୍ତର ଗୁରୁଙ୍କ ପାଦରେ ରହିଥାଏ, ମୁଁ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥାଏ।

-ଶିରିଡ଼ି ସାଇବାବା

## ସଂକ୍ଷେପରେ

### ଟ୍ରାକ୍ଟର ଚାଳକଙ୍କୁ ମାଡ଼

ଟିକିରି, ୪।୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଜଣେ ଟ୍ରାକ୍ଟର ଚାଳକଙ୍କୁ ଅଟକାଇ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ପୋଲିସ ଏକ ମାମଲା(ନଂ. ୧୫/୨୦) ରୁଜୁ କରି ତଦନ୍ତ ଚଳାଇଛି । ବ୍ଲକର ମାଇକଞ୍ଚ ପଞ୍ଚାୟତ ନୂଆଗାଁ ଗ୍ରାମର ଅରୁଣ କୁମାର ଦିଶାରୀ ଟ୍ରାକ୍ଟର (ଓଡି୧୮ଡି ୧୦୪୦) ନେଇ ଉତ୍କଳ ଆଲୁମିନା କାରଖାନା ଅଭିମୁଖେ ଯାଉଥିଲେ । ସ୍ଥାନୀୟ ଏକ ବ୍ୟାଙ୍କ ନିକଟରେ କେ. ପବନ କୁମାର ଓ ତାଙ୍କ ଭାଇ ଜବରଦସ୍ତ ଗାଡି ଅଟକାଇ ଅରୁଣଙ୍କୁ ମାଡ଼ ମାରିବା ସହ ଗାଡ଼ି ଛଡ଼ାଇ ନେଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ଅଣ୍ଡରାକଞ୍ଚ ଗ୍ରାମର ଧରମା ନାଏକ ସମ୍ପୃକ୍ତ ଥିବା ମଧ୍ୟ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଛି। ହେଲେ ଏହି ଘଟଣାକୁ କେ. ପବନ କୁମାର ଅସ୍ୱୀକାର କରିଛନ୍ତି । ଦ୍ରୁତ ଗତିରେ ଟ୍ରାକ୍ଟର ଚଳାଉଥିବାରୁ ଦୁର୍ଘଟଣାରୁ ମୁଁ ଅଳ୍ପକେ ବର୍ତ୍ତି ଯାଇଥିଲି। ପରେ ମୁଁ ଗାଡି ଅଟକାଇବା ପାଇଁ କହିଥିଲି। କିନ୍ତୁ ଟ୍ରାକ୍ଟର ଚାଳକ ଗାଡି ଛାଡି ପଳାଇଥିଲେ ବୋଲି କେ. ପବନ କୁମାର କହିଛନ୍ତି।

### ନାଳରୁ ଜବରଦଖଲ ଉଚ୍ଛେଦ ଦାବି

**ଫୁଲବାଣୀ ଅଫିସ, ୪।୨:** ଫୁଲବାଣୀ ସହର ୧୧ନଂ .ୱାର୍ଡ ଦଧିବାମନ ସାହିରେ ଯାଇଥିବା ନାଳକୁ ଲୋକେ ଜବରଦଖଲ କରି ଘର କରିଲେଣି । ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି । ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କୌଣସି ପଦକ୍ଷେପ ନିଆଗଲାନାହିଁ। ତେଣୁ ବାଧହୋଇ ସାହିବାସୀ ସୋମବାର ଜିଲାପାଳଙ୍କୁ ଭେଟିବାକୁ ଆସଥିବା ପ୍ରକାଶ କରିଛନ୍ତି। ନାଳ ଜବରଦଖଲ ସମସ୍ୟା ନେଇ ପୂର୍ବରୁ ବହୁବାର ପୌର ପରିଷଦର ଅଧିକାରୀଙ୍କୁ ଭେଟିଥିଲେ ସୁଫଳ ମିଳିନି ବୋଲି ବହୁ ସଂଖ୍ୟାରେ ସାହିବାସୀ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିକୁ ଆସି ପ୍ରକାଶ କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା କହିଛନ୍ତି, ଯନ୍ତ୍ରୀ ଯାଇ ସ୍ଥିତ ଅନୁଧ୍ୟାନ କରିଛନ୍ତି। ଶୀଘ୍ର ନାଳ ଜବରଦଖଲ ଉଚ୍ଛେଦ କରାଯିବ ।

### ନାବାଳକଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଫୁଲବାଣୀ ଅଫିସ, ୪।୨:** ଟିକାବାଲି ଥାନା ଅନ୍ତର୍ଗତ ପାଣ୍ଡୁଗୁଡା ଗ୍ରାମର ଜଣେ ନାବାଳକଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଗ୍ରାମର ସୁମନ୍ତ କୁମାର ନାୟକଙ୍କ ୬ ବର୍ଷୀୟ ପୁଅ ରାହୁଲ ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ । ଚଲାବୁଲା କରିପାରୁ ନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ। ଜିଲା ବାହାର ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର କହୁଛନ୍ତି। ପୁଅକୁ ଅନ୍ୟତ୍ର ଚିକିତ୍ସା କରାଇବାକୁ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ସୁମନ୍ତ କହିବା ସହ ନିଜ ଅସହାୟତା ପ୍ରକାଶ କରିଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ସେ ଅଧିକ ଅର୍ଥ ଏବଂ ପୁଅ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ୫ ଗରିବ ଝିଅଙ୍କୁ ଆର୍ଥିକ ସହାୟତା

ବ୍ରହ୍ମପୁର ଅଫିସ,୪।୨: ଗଞ୍ଜାମ ଓକିଲ ସଂଘ ସମ୍ମିଳନୀ କକ୍ଷରେ ପ୍ରାକ୍ତନ ଆଇନଜୀବୀ ତଥା ବ୍ରହ୍ମପୁର ମ୍ୟୁନିସିପାଲଟିର ତତ୍କାଳୀନ କାଉନ୍ସିଲର ସ୍ୱର୍ଗତ ସତ୍ୟନାରାୟଣ ପାଢ଼ୀଙ୍କ ୩୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଥିଲା। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ରାମ ଶଙ୍କର ହୋତା ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ୫ ଗରିବ ଯୁବତୀଙ୍କୁ ବିବାହ ନିମନ୍ତେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କବିସୂର୍ଯ୍ୟନଗର, ଶେରଗଡ, ହିଞ୍ଜିଳିକାଟୁ, ବୁଗୁଡା ଓ ସାନଖେମୁଣ୍ଡି ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଆଇନ ସମ୍ବନ୍ଧୀୟ ପୁସ୍ତକ ଦିଆଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ମାଗୁଣି ପଲାଇ, କିଶୋର ଚନ୍ଦ୍ର ବିଷୋୟୀ, ନିର୍ମଳ ସାହୁ, ସୁଧାଂଶୁ ପଣ୍ଡା ଓ ଶିଶିର ପାଢ଼ୀ ପ୍ରମୁଖ ସ୍ୱର୍ଗତ ପାଢ଼ୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ ମଞ୍ଚାସୀନ ଥିଲେ।

# ଚୁଆପାଣି ପିଉଛନ୍ତି କାଣ୍ଡସିଲିବାସୀ



ଗାଁକୁ ଯାଇଥିବା ରାସ୍ତା।



ପାହାଡ ଝରରୁ ପାଣି ସଂଗ୍ରହ କରାଯାଉଛି।

ଟିକିରି,୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡାପାଡି ପଞ୍ଚାୟତରେ ରହିଛି କାଣ୍ଡସିଲି ଗ୍ରାମ । ଏଠାରେ ଲୋକେ ପାଣି ଟୋପାଏ ପାଇଁ ତହଲ ବିକଳ ହେଉଛନ୍ତି। ତେଣୁ ଚୁଆ ପାଣି ଉପରେ ନିର୍ଭର କରିବାକୁ ପଡୁଛି । ଏମିତି କି ଗାଁକୁ ଗୋଟିଏ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ଆମ କଥା ଶୁଣୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

**ଦୃଷ୍ଟି ପଡୁନି ପ୍ରଶାସନର**

- ଗାଁରେ ବସବାସ କରନ୍ତି ୧୪ ପରିବାର
- ନଳକୂପରୁ ବାହାରୁନି ପାଣି
- ଗାଁ ନାହିଁ ପକ୍କା ରାସ୍ତା

ଏହି ଗ୍ରାମରେ ପ୍ରାୟ ୧୪ ଆଦିବାସୀ ପରିବାର ବସବାସ କରୁଛନ୍ତି । ଗାଁରେ ଗୋଟିଏ ନଳକୂପ ରହିଛି। ହେଲେ ସେଥିରୁ ପାଣି ବାହାରୁ ନାହିଁ। ଆଉ ଯେତେବେଳେ ବାହାରୁଛି ତାହା ବ୍ୟବହାର ଉପଯୋଗୀ ନୁହେଁ । ତେଣୁ ଗାଁ ଲୋକେ ବର୍ଷ ବର୍ଷ ଧରି ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ବିଶୁଦ୍ଧ ପାନୀୟ ଜଳ ପାଇବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି । ତେଣୁ ଲୋକେ ବାଧ୍ୟ ହୋଇ ନିକଟସ୍ଥ ନାଳ ଓ ଚୁଆ ଉପରେ ନିର୍ଭର କରିଥାନ୍ତି । ଏହି ପଞ୍ଚାୟତରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଓ ଏରିଆ ବ୍ଲକ ଚେୟାରମ୍ୟାନ୍ ଥିଲେ ସୁଦ୍ଧା ଉକ୍ତ ଗ୍ରାମ ପ୍ରତି କାହାରି ଆନ୍ତରିକତା ନ ଥିବା ଗ୍ରାମର ବୁଢୁ ମାଝି, କୃଷ୍ଣ ମାଝି, ଓଡ଼ିଆ ମାଝି, ସୀତାଇ ମାଝି, ପାଲଙ୍ଗ ମାଝି, କସ ମାଝି ପ୍ରମୁଖ ଗ୍ରାମବାସୀ କହିଛନ୍ତି। ସେହିପରି କାଣ୍ଡସିଲି ଗ୍ରାମକୁ ଯିବା ପାଇଁ ଏକ ପକ୍କା ରାସ୍ତାଟିଏ ନାହିଁ। ଫଳରେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ଗ୍ରାମରେ ଏକ ପକ୍କାରାସ୍ତା ସହିତ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି । ଏ ନେଇ ଜେଇ ଦାମୋଦର ମଲ୍ଲିକଙ୍କୁ ପଚାରିବାରୁ, ବର୍ତ୍ତମାନ ସୁଦ୍ଧା ମୋ ପାଖରେ କେହି ସମସ୍ୟା ନେଇ ଜଣାଇ ନାହାନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି ।

# ବିଧବା ଭତ୍ତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୨ ମହିଳା

ରାୟଗଡ଼ା ଅଫିସ , ୪।୨

ବିଧବା ଭତ୍ତା ପାଇଁ ଟେଲିଫୋନ ଏକ୍ସଚେଞ୍ଜ ୱାର୍ଡ଼ ନମ୍ବର ୧୫ର ୨ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାଝି ଲକ୍ଷ୍ମୀ ଏବଂ ଏନୱାର ଲାକ୍ଷ୍ମୀ ଭତ୍ତା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଗୁହାରି କରିଛନ୍ତି। ମାଝି ଲକ୍ଷ୍ମୀଙ୍କ ସ୍ୱାମୀ ଜଣେ ଓଟୋ ଚାଳକ ଥିଲେ । ୧୮ ବର୍ଷ ହେଲା ତାଙ୍କ ସ୍ୱାମୀ ଏହି ଦୁନିଆରେ ନାହାନ୍ତି । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ସେହିପରି ୬ ବର୍ଷ ହେବ ଏନ ୱାର ଲାକ୍ଷ୍ମୀଙ୍କ ସ୍ୱାମୀ ଗ୍ୟାରେଜରେ କାମ କରୁଥିଲେ। ୬ ବର୍ଷ ହେଲା ତାଙ୍କର ମୃତ୍ୟୁ ଘଟିଛି । ତାଙ୍କୁ ମଧ୍ୟ ମିଳିନି ବିଧବା ଭତ୍ତା । ଦୀର୍ଘ ବର୍ଷ ହେଲା ସେମାନେ ସରକାରଙ୍କ ତରଫରୁ କୌଣସି ସହାୟତା ନ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି । ମାଝି ଲକ୍ଷ୍ମୀଙ୍କର ଗୋଡ଼ରେ ବାତ ହୋଇ ଥିବାରୁ ସେ ଚାଲି ପାରୁନାହାନ୍ତି । ୱାର ଲକ୍ଷ୍ମୀଙ୍କୁ ମଧୁମେହ ହୋଇଛି । ଉଭୟଙ୍କର ଔଷଧ ବାବଦକୁ ମାସକୁ ୩୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ଉଭୟେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି । ଜିଲାପାଳ ସମସ୍ତ ଅସୁବିଧା ଶୁଣିବା ପରେ ସମ୍ପୃକ୍ତ ଅଧିକାରୀ ସଚି ନନ୍ଦଙ୍କୁ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଦୁଇ ମହିଳା ।

# କପା ଗାଡ଼ି ପାଇଁ ରାସ୍ତା ଜାମ




ରାସ୍ତାରେ ଯାନବାହନ ଅଟକି ରହିଛି ।

ଗୁଣପୁର,୪।୨(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ବାଇପାସ ରାସ୍ତାରେ କପା ଗାଡି ଅଟକି ରହିବାରୁ ରାସ୍ତା ଜାମ । ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହେବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ କପା ସଂଗ୍ରହ ଚାଲିଥିବାବେଳେ ସେଗୁଡିକ ବିକ୍ରୟ ପାଇଁ ଚାଷୀମାନେ ଗାଡିରେ କପାକୁ ଆରଏମସି ମଣ୍ଡିକୁ ଆଣୁଛନ୍ତି । ଫଳରେ କପା ଗାଡିଗୁଡିକ ଉକ୍ତ ରାସ୍ତା ଉପରେ ଲମ୍ବା ଧାଡି କରି ଅଟକି ରହୁଛି । ଗାଡ଼ିଗୁଡିକ ଟାଉନହଲଠାରୁ ସୌରା ପ୍ରଧାନୀଗୁଡା ଓଭରବ୍ରିଜ ପର୍ଯ୍ୟନ୍ତ ଅଟକି ରହୁଛି । ଫଳରେ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ସେପଟେ ଟାଉନହଲଠାରେ ବିବାହ କାର୍ଯ୍ୟ ଯୋଗୁ ବାଇକ୍ ଏବଂ ଅନ୍ୟାନ୍ୟ ଗାଡ଼ିଗୁଡିକ ମଧ୍ୟ ରାସ୍ତା ଉପରେ ରହୁଛି । ଏପରି ଅନେକ କାରଣରୁ ରାସ୍ତା ଜାମ୍ ହେବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ତେଣୁ ପୋଲିସ ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ କପା ଗାଡ଼ିଗୁଡିକ ରାସ୍ତା ଉପରେ ନ ରଖି ଅନ୍ୟତ୍ର ରଖାଯିବାକୁ ସାଧାରଣରେ ଦାବି ହୋଇଛି । ସେହିପରି ଟାଉନହଲଠାରେ ମଧ୍ୟ କୌଣସି କାର୍ଯ୍ୟକ୍ରମ ହେଲେ ସେଠାକୁ ଆସୁଥିବା ଗାଡିଗୁଡିକ ମଧ୍ୟ ରାସ୍ତା ଉପରେ ନ ରଖି ଅନ୍ୟ ସ୍ଥାନରେ ରଖାଯିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## କର୍କଟ ଦିବସରେ ସିଏମ୍ଇ କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୪।୨

ମଙ୍ଗଳବାର ହେଉଛି ବିଶ୍ୱ କର୍କଟ ଦିବସ। ସେନେଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଏମ୍ଇ(କଣ୍ଟିନିଓସ୍ ମେଡ଼ିକାଲ ଏଜୁକେଶନ)ର ଏକ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଏନ୍ଏମ୍ ଏବଂ ଜିଏନ୍ଏମ୍ର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପିଲା ଅଂଶ ଗ୍ରହଣ କରିଥିଲେ । ସୁଶୀଳା ଦେବୀ, ସହାୟକ ଜିଏନ୍ଏମ୍ ସେଣ୍ଟର, ସରକାରୀ ଏଏନ୍ଏମ୍ କଲେଜର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଭିଏଲ ଏନ ରାଜୁ ଏକ ପାୱାର ପଏଣ୍ଟ ମାଧ୍ୟମରେ କ୍ୟାନ୍ସର ରୋଗର ନିରାକରଣ ନେଇ ପିଲାଙ୍କୁ ବୁଝାଇଥିଲେ। ଡ଼. ଭି.ଏଲ.ଏନ ପୃଷ୍ଟି ଓ ଡ଼. ମମତା ଚୌଧୁରୀ ଉପସ୍ଥିତ ଛାତ୍ରୀଙ୍କୁ କାନ୍ସର କାରଣ ଓ ନିରାକରଣ ନେଇ କହିଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେଥିମଧ୍ୟରୁ ୯ ଜଣଙ୍କୁ ପୁରସ୍କୃତ କରାଯାଇଥିଲା ।

# ଟିଟିମିରିରେ ସମ୍ପର୍କ ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ ।

ଗୁଣପୁର,୪।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଆଇଟିଡିଏ ପକ୍ଷରୁ ସମ୍ପର୍କ ଶିବିର ମଙ୍ଗଳବାର ଟିଟିମିରି ପଞ୍ଚାୟତ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ନେଇ ଆରମ୍ଭ ହୋଇଥିବା ମୋ ସରକାର କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ତହସିଲଦାର ନମ୍ରତା ମୋଦି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏ.ଶ୍ରୀନିବାସ ଆଚାରୀ, ସିଡିପିଓ କିରନ ମୁର୍ମୁ, ଟିଟିମିରି ପଞ୍ଚାୟତ ସରପଞ୍ଚ ରାୟଲ ଶବର, ଏଲଏସଡିଏ ପୁଟାସିଂର ସ୍ୱତନ୍ତ୍ର ଅଧିକାରୀ କୃପାସିନ୍ଧୁ ବେହେରା, ପୁଟାସିଂର ସ୍ୱାସ୍ଥ୍ୟ ଅଧିକାରୀ ଡ.ଅଭିଜିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ସେହିପରି ସହକାରୀ କୃଷି ଅଧିକାରୀ ପ୍ରିୟନାଥ ପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ନିରଞ୍ଜନ ଦ୍ୱିବେଦୀ, ଜଗନ୍ନାଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ନୀହାର ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ଯୋଜନା ଏବଂ ଏହା କିପରି ସଫଳ ଉପଯୋଗ କରିହେବ ସେନେଇ ଦୃଷ୍ଟିପାତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ଜେକେପୁର, ୪।୨(ଡି.ଏନ୍.ଏ)

ଜେକେପୁରସ୍ଥିତ ଲକ୍ଷ୍ମୀପତ ସିଂଘାଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ପି. ଭେଙ୍କେଟେଶ୍ୱରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଚାନ୍ଦିଲି ଥାନା ଏସ୍ଆଇ ଜ୍ୟୋସ୍ନାରାଣୀ ପ୍ରଧାନ ଯୋଗଦେଇ ଆତ୍ମରକ୍ଷା ତାଲିମ ଛାତ୍ରୀମାନଙ୍କ ପାଇଁ ଜରୁରୀ ବୋଲି କହିଥିଲେ। କିରଣ ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ଶିଖାଇଥିଲେ। ଶେଷରେ ଅଧ୍ୟାପକ ବଦ୍ରିନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଔଷଧ ଦୋକାନରେ ଚଢ଼ାଉ

# କଫସିରପ, ଇଞ୍ଜେକ୍‌ଶନ ଜବତ

ଦାମନଯୋଡ଼ି,୪।୨(ଡ଼ି.ଏନ.ଏ)

କୋରାପୁଟ ଜିଲା ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟ ବଜାରରେ ଥିବା ଏକ ଔଷଧ ଦୋକାନରେ ପୋଲିସ ଚଢାଉ କରିଛି । ଦୋକାନରୁ ବହୁ ନିଶା ସାମଗ୍ରୀ ଜବତ କରାଯାଇଛି। ସୁନାବେଡ଼ା ପୋଲିସ ଆଇଆଇସି ସୁମିତ୍ରା ଜେନା, ଦାମନଯୋଡ଼ି ଆଇଆଇସି ସଞ୍ଜୀତ କୁମାର ବେହେରା, ଏସ୍ଆଇ ଦୁର୍ଗାମାଧବ ବାଘ,ଏଏସ୍ଆଇ ସନ୍ତୋଷ କୁମାର ପରିଡ଼ା ସଦଳବଳେ ଚଢଉ କରି କଫସିରପ, ନିଶା ଔଷଧ, ଇଞ୍ଜେକ୍‌ଶନ ଆଦି ଜବତ କରିଛନ୍ତି। ଖବର ଲେଖାଯିବା ବେଳକୁ ସେକ୍ଟର ୩ ସ୍ଥିତ ବିଭିନ୍ନ ଗୋଦାମ ଘରେ ଚଢାଉ ଜାରି ରହିଥିଲା ।



ଦୋକାନରେ ଚଢାଉ କରାଯାଉଛି ।

# ଗୁଣାତ୍ମକ ଶିକ୍ଷାରେ ବାଧକ ଶିକ୍ଷକ, ଶ୍ରେଣୀଗୃହ ଅଭାବ

ପଟ୍ଟାଙ୍ଗି,୪।୨(ଡି.ଏନ୍.ଏ.)

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ଯେତିକି ତତ୍ପରତା ଦେଖାଉଛନ୍ତି, ଗ୍ରାମାଞ୍ଚଳର ଶିକ୍ଷା ବ୍ୟବସ୍ଥା ଉପରେ ତାହାର ପ୍ରଭାବ ପଡୁନାହିଁ। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଗାଙ୍ଗରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତାହାର ଏକ ଉଦାହରଣ। ଏଠି ଶିକ୍ଷକ ଅଭାବ, ଶ୍ରେଣୀଗୃହ ନାହିଁ। ପିଲାଙ୍କ ପାଠପଢ଼ା ଚିନ୍ତାରେ ଅଭିଭାବକ। ଏହି ବିଦ୍ୟାଳୟ ୧୯୫୯ରେ ସ୍ଥାପିତ ହୋଇଥିବା ବେଳେ ପ୍ରଥମେ ଏଠାରେ ପ୍ରଥମରୁ ପଞ୍ଚମ ଯାଏ ଶ୍ରେଣୀ ଖୋଲିଥିଲା। ୨୦୦୪ରେ ଏଠାରେ ଷଷ୍ଠରୁ ସପ୍ତମ, ୨୦୦୮ରେ ଅଷ୍ଟମ, ୨୦୧୧ରେ ନବମ ଓ ଦଶମ ଶ୍ରେଣୀ ଖୋଲିଥିଲା। ବର୍ତ୍ତମାନ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା ୨୧୩ ରହିଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ ଦୀର୍ଘ ୧୦ ବର୍ଷ ଧରି ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ହୋଇଥିଲେ ମଧ ଏଯାବତ୍ ହିନ୍ଦୀ ଓ ଖେଳ ଶିକ୍ଷକଙ୍କୁ ନିଯୁକ୍ତି ଦେବାରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ୨୦୧୯ ଫେବୃଆରୀରୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ ଏଥିପ୍ରତି ଶିକ୍ଷା ବିଭାଗର ଦୃଷ୍ଟି ପଡୁନାହିଁ। ଏପରି ଅବ୍ୟବସ୍ଥା ଭିତରେ ଉପରୋକ୍ତ ବିଦ୍ୟାଳୟରେ ପାଠପଢ଼ା ଚାଲିଛି। ଆଗକୁ ବାର୍ଷିକ ପରୀକ୍ଷା ଥିବାବେଳେ ଏହାକୁ ନେଇ ଅଭିଭାବକ ଚିନ୍ତିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ତିନୋଟି ଶ୍ରେଣୀଗୃହରେ ଛାତ୍ରୀଛାତ୍ର ପାଠ ପଢ଼ିବାରେ ଅସୁବିଧା ହେଉଛି। ବିଦ୍ୟାଳୟ ବାରଣ୍ଡାରେ ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢ଼ାଇବାକୁ ଆମେ ବାଧ ହେଉଛୁ ବୋଲି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିବା ଶିକ୍ଷକ ରମାକାନ୍ତ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହିପରି ଅବ୍ୟବସ୍ଥାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖରା ପଦୁଙ୍କ ନେତୃତ୍ୱରେ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନାଲିସା ଦେବତାଙ୍କୁ ଦିଆଯାଇଛି। ୧୫ ଦିନ ମଧ୍ୟରେ ପଦକ୍ଷେପ ନ ହେଲେ ସମସ୍ତ ଅଭିଭାବକ ବିଦ୍ୟାଳୟ ପରିଚାଳନା କମିଟି ଛାତ୍ରୀଛାତ୍ରଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ଦେବତାଙ୍କୁ ଯୋଗାଯୋଗ କରାଯିବାରୁ ଉପରୋକ୍ତ ଦାବିପତ୍ର ତାଙ୍କର ହସ୍ତଗତ ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

**ଗାଙ୍ଗରାଜପୁର ବିଦ୍ୟାଳୟ**

- ପିଲାଙ୍କ ପାଠପଢ଼ା ଚିନ୍ତାରେ ଅଭିଭାବକ
- ବିଡିଓଙ୍କୁ ଦାବିପତ୍ର ଦେଲା ପରିଚାଳନା କମିଟି

# ହତ୍ୟା ଧମକ ମାମଲା, ଅଭିଯୁକ୍ତ ଗଲେ ଜେଲ

ପାଟପୁର,୩।୨

ପାଟପୁର ଥାନା ଧର୍ମପୁର ଗ୍ରାମର ଧ୍ରୁବ ନାୟକଙ୍କ ବାପା ସୀମାଞ୍ଚଳ ନାୟକଙ୍କୁ ମାଡ଼ ମାରି ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ରବିବାର ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ଧ୍ରୁବଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ ୨୩/୨୦ ରେ ମାମଲା ରୁଜୁକରି ପ୍ରକାଶ ନାୟକଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟା ପ୍ରାୟ ୭ ଟାରେ ପ୍ରକାଶ ନାୟକ ଧ୍ରୁବଙ୍କ ଘର ଦାଣ୍ଡକୁ ଆସି ଗାଳିଗୁଲଜ କରିଥିଲେ। ଧ୍ରୁବଙ୍କ ବାପା ସୀମାଞ୍ଚଳ ନାୟକ ତାଙ୍କୁ ବୁଝାଶୁଝା କରିବାରୁ ପ୍ରକାଶ ମାଡ଼ ମାରିଥିଲେ। ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି।

## ସଂକ୍ଷେପରେ

### ତ୍ରିନାଥ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ପାରଳାଖେମୁଣ୍ଡି, ୪।୨ (ସ୍ୱ.ପ୍ର.)**- ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ନରୋତ୍ତମଦାସ ବାବାଜୀ ମଣ୍ଡପସ୍ଥିତ ଶ୍ରୀତ୍ରିନାଥ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଦୁଇନାଳିଆ ଗୁପ୍ତେଶ୍ୱର ପୀଠ ନଦୀରୁ ଶ୍ରଦ୍ଧାଳଙ୍କ ଦ୍ୱାରା କଳସ ଯାତ୍ରା ବାହାରିଥିଲା। ଏଥିରେ ୨୨୦ ଜଣ ମହିଳା, ବାଳିକା ସାମିଲ ହୋଇଥିଲେ। ଏହା ୩ଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ବହୁ ସାଧୁ ସନ୍ଥ ଏବଂ ନାଗା ବାବାଙ୍କ ଯୋଗେଦେବେ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରତିଦିନ ସନ୍ଧ୍ୟାରେ ବୌଦ୍ଧିକ, ସାଂସ୍କୃତିକ, ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି କରାଯିବ।

### ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**କୋରୁକୋଣ୍ଡା,୪।୨(ଡି.ଏନ.ଏ.) -** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାସ୍ଥି ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା କମିଟି ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୩ଦିନ ଧରି ବିଧି ମୁତାବକ ପୂଜାର୍ଚ୍ଚନା ପରେ ରାଧା କୃଷ୍ଣଙ୍କ ବିଗ୍ରହକୁ ମନ୍ଦିରରେ ପ୍ରତିଷ୍ଠା କରାଯାଉଛି । ଏଥିରେ ଶତାଧିକ ମହିଳା ପୂର୍ଣ୍ଣ କୁମ୍ଭରୁ ଜଳସଂଗ୍ରହ କରି ବିଗ୍ରହ ପ୍ରତିଷ୍ଠା ମଣ୍ଡପରେ ରଖିଥିଲେ । ଦୀକ୍ଷା ଗ୍ରହଣ ଅଙ୍କୁରା ରୋପଣ ପ୍ରାତଃ ଷଠକର୍ମ, ସୂର୍ଯ୍ୟ ପୂଜା, ଗୋପୂଜା, ଅଗ୍ନି ସଂସ୍କାର, ସର୍ବ ଦେବାଦେବୀଙ୍କୁ ଆହ୍ୱାନ, ହୋମ ଓ ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ହୋଇଛି। ବୁଧବାର ରାଧାକୃଷ୍ଣ ପ୍ରତିମାଙ୍କ ମନ୍ଦିର ପ୍ରବେଶ, ପୀଠନ୍ୟାଶ୍ୟ, ଷୋଡଶ ଉପଚାର ପୂଜା, ହୋମ, ପୂର୍ଣ୍ଣାହୂତି, ଚରୁଅନ୍ନ ପୂଜା ଆଳତି ପରେ ପ୍ରତିଷ୍ଠା କାର୍ଯ୍ୟ ଶେଷ ହେବ।

### ଋଷିକୁଲ୍ୟା ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର,୪।୨(ଡି.ଏନ.ଏ.)** ପୁରୁଷୋତ୍ତମପୁର ଥାନା ମୁକୁନ୍ଦପୁର ଗ୍ରାମରେ ମଙ୍ଗଳବାର ଋଷିକୁଲ୍ୟା ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱମ୍ବର ଦାସ (୩୦)। ସେ ପୁରୁଷୋତ୍ତମପୁର ଏନ୍ଏସିରେ ପରିମଳ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟରରେ ଠିକା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସବୁଦିନ ଭଳି ବିଶ୍ୱମ୍ବର କାମ ସାରି ଗ୍ରାମକୁ ଯାଇ ନିକଟସ୍ଥ ନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିଶ୍ୱମ୍ବରଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନଂ.୨/୨୦ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କର୍କଟ ବିରୋଧରେ ଏକାଠି ହେବାକୁ ଆହ୍ୱାନ

**ପାରଳାଖେମୁଣ୍ଡି, ୪।୨ (ସ୍ୱ.ପ୍ର.)**


ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

ପାରଳାଖେମୁଣ୍ଡିରେ ବିଶ୍ୱ କର୍କଟ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏହି ଅବସରରେ ସକାଳ ୮ଟାରେ ବିଦ୍ୟାଳୟ ଛାତ୍ରୀମାନଙ୍କୁନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ପି.କେ.ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତମାଖୁ, ମଦ୍ୟପାନ ଏବଂ ଧୂମ୍ରପାନ ଦ୍ୱାରା କର୍କଟ ବ୍ୟାପିବାର ସମ୍ଭାବନା ଅଧିକ ଥିବାରୁ ସେ ସବୁରୁ ଦୂରେଇ ରହିବାକୁ ପ୍ଲାକାର୍ଡ ଏବଂ ବ୍ୟାନର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ସମସ୍ତେ ଏକଜୁଟ ହୋଇ କର୍କଟକୁ ହଟାଇବାକୁ ଆହ୍ୱାନ ଦିଆଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭା କରାଯାଇଥିଲା। ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଏମ୍.ଏମ୍.ଅଲ୍ଲୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡାକ୍ତର ନାଜିର, ମ୍ୟାଲେରିଆ ଅଧିକାରୀ ଡାକ୍ତର ଛନ୍ଦା କାନୁନ୍ଗୋ, ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳିକା ସୌମ୍ୟାରାଣୀ ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। କର୍କଟର କାରଣ, ଲକ୍ଷଣ ସମ୍ପର୍କରେ ଏଥିରେ ଆଲୋଚନା କରଯାଇଥିଲା। କର୍କଟ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କଲେ ଏହା ଅନେକାଂଶରେ ଭଲ ହୋଇଯିବାର ସମ୍ଭାବନା ରହିଛି ବୋଲି ବୈଠକରେ କୁହାଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ତୁଷାରକାନ୍ତ ପଟ୍ଟନାୟକ, ନେତ୍ରାନନ୍ଦ ଶତପଥୀ, ସନ୍ତୋଷ କାରିହା ପ୍ରମୁଖ ପରିଚାଳନା କରିଥିଲେ।

# ଜବରଦଖଲ ଉଚ୍ଛେଦ ଦାବି

**କାଶିନଗର,୪।୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ସହରରେ ଜବରଦଖଲ ଯୋଗୁ ବହୁ ବିକାଶମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ମତ ପ୍ରକାଶ ପାଇବା ତୁରନ୍ତ ଜବରଦଖଲ ହଟାଇବା ଲାଗି ପ୍ରଶାସନ ପଦକ୍ଷେପ ନେଇଛି। ସର୍ବଦଳୀୟ ପ୍ରତିନିଧି ଦଳ ଏ ନେଇ ଜାନୁୟାରୀ ୧୩ରେ ଗଜପତି ଜିଲାପାଳ ଅନୁପମ ସାହାଙ୍କୁ ଭେଟି ଜଣାଇଥିଲା। ଜିଲାପାଳ ତହସିଲଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବି ସମ୍ପର୍କରେ ଅବଗତ କରାଇବା ଲାଗି ପରାମର୍ଶ ଦେଇଥିଲେ। ତଦନୁଯାୟୀ ମଙ୍ଗଳବାର ପ୍ରତିନିଧି ଦଳ ଅଧିକାରୀମାନଙ୍କୁ ଭେଟି ତୁରନ୍ତ ଜବରଦଖଲ ହଟାଇବା ପାଇଁ ପଦକ୍ଷେପ ନେବାକୁ ଦାବି ରଖିଛନ୍ତି। ଏହାଛଡ଼ା କାଶୀନଗର ଥାନାଧିକାରୀଙ୍କ ମଧ୍ୟ ଏକ ପତ୍ର ଦିଆଯାଇଥିଲା। ସହରରୁ ଜବରଦଖଲ ହଟାଇବାକୁ ଏସ୍ପିଙ୍କ ସହ ଆଲୋଚନା କରିବାକୁ ଗତ ଆମ ପୋଲିସ ବୈଠକରେ ଥାନାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ତହସିଲଦାରଙ୍କ ସମୟରେ ମାର୍କିଂ କରାଯାଇଥିଲା। କିନ୍ତୁ ଜବରଦଖଲ ହଟିଲା ନାହିଁ ବୋଲି ପ୍ରତିନିଧି ଦଳ ତହସିଲ ଓ ଏନ୍ଏସି ଅଧିକାରୀଙ୍କୁ ଜଣାଇଛନ୍ତି। ଏବେ ଜବରଦଖଲ ହଟାଇବାରେ କୌଣସି ରାଜନୈତିକ ମତାନ୍ତର ସୃଷ୍ଟି ସମ୍ଭାବନା ନାହିଁ। ଏନ୍ଏସି ସିଧାସଳଖ ପ୍ରଶାସନ ଅଧୀନରେ ଓ ଜନସାଧାରଣ ଜବରଦଖଲ ଉଚ୍ଛେଦ ସପକ୍ଷରେ ଥିବା ଯୋଗୁ ତୁରନ୍ତ ଅନୁକୂଳ ପଦକ୍ଷେପ ନିଆଯିବା ଉଚିତ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ସଚେତନ ହେଲେ ଶିଶୁ ଶ୍ରମିକ ପ୍ରଥା ହଟିବ

**ପାରଳାଖେମୁଣ୍ଡି, ୪।୨ (ସ୍ୱ.ପ୍ର.)**



କର୍ମଶାଳାରେ ଜିଲାପାଳ, ଏସ୍ପି ଓ ଅନ୍ୟ ଅଧିକାରୀ।

ପାରଳାଖେମୁଣ୍ଡିସ୍ଥିତ ଡିଆର୍ଡିଏ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ସାହା ଉପସ୍ଥିତ ରହି ଶିଶୁ ଶ୍ରମିକ ଏବଂ ପରୀକ୍ଷା ସମୟରେ ଶିଶୁମାନଙ୍କ ମାନସିକ ଚାପକୁ କିଭଳି ହ୍ରାସ କରାଯିବ ସେ ନେଇ ମନ୍ତବ୍ୟ ଦେଇଥିଲେ। କର୍ମଶାଳାରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷ ସନ୍ଧ୍ୟାବତୀ ପ୍ରଧାନ, ସଭ୍ୟା ଗୀତାଞ୍ଜଳୀ ବସ୍ତିଆ, ହରିହର ନାୟକ ପ୍ରମୁଖ ଯୋଗଦେଇ ଜିଲାରେ ଶିଶୁ ଶ୍ରମିକ ପ୍ରଥା କିପରି ସମ୍ପୂର୍ଣ୍ଣ ବନ୍ଦ ହେବ ସେ ନେଇ ଆଲୋଚନା କରିଥିଲେ। ମାଟ୍ରିକ ପରୀକ୍ଷା ଦେବାକୁ ଥିବା ପିଲାମାନଙ୍କ ମାନସିକ ଚାପ ଦୂର କରିବାକୁ ପ୍ରଧାନମନ୍ତ୍ରୀ ଦେଇଥିବା ୨୫ଟି ମନ୍ତ୍ରକୁ ଶିଶୁମାନଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ ବୋଲି କର୍ମଶାଳାରେ ଆଲୋଚନା ହୋଇଛି। ଶିଶୁ ଶ୍ରମିକ ପ୍ରଥା ରୋକିବାକୁ ପ୍ରଚାର ପ୍ରସାର ଆବଶ୍ୟକ। ସେହିପରି ଶିଶୁ ଶ୍ରମିକ ନିଷେଧ ଆଇନକୁ କଡାକଡିଭାବେ ପାଳନକରି ଶିଶୁ ଶ୍ରମିକ ପ୍ରଥା ବନ୍ଦ ସମ୍ଭବ ବୋଲି ଆଲୋଚନା ହୋଇଥିଲା। ଯେଉଁମାନେ ଶିଶୁମାନଙ୍କୁ ଶ୍ରମିକ ଭାବେ କାମ କରାଉଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଉଭୟ କ୍ଷେତ୍ରରେ ସଚେତନ ହେଲେହିଁ ସଫଳତା ମିଳିପାରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧକ୍ଷା ଅନୀତା ରାଣୀ ବେହେରା,ଏସ୍ପି ସାରା ଶର୍ମା, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଶୁଭଶ୍ରୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଡିଇଓ ପ୍ରଦୀପ ନାଗ, ଜିଲା ଶିଶୁ ସୁରକ୍ଷା ସମିତି ଅଧକ୍ଷ ପ୍ରମୋଦ କୁମାର ରାଉଳ ପ୍ରମୁଖ ଉପସ୍ଥିତଥିଲେ।

### ପେଟ୍ରୋଲ ପକାଇ ହତ୍ୟା ଉଦ୍ୟମ ମାମଲା,୨ଗିରଫ

**ଭଞ୍ଜନଗର,୪।୨(ଡି.ଏନ.ଏ)**

ବେଲଗୁଣ୍ଠା ଫାଣ୍ଡି ଧୁମୁଛାଇର ସନ୍ତୋଷ ନାୟକଙ୍କୁ ଗତମାସ ୨୪ରେ ଦୁଇଜଣ ଦୁର୍ବୃତ୍ତ ପେଟ୍ରୋଲ ପକାଇ ହତ୍ୟା ଉଦ୍ୟମ କରିଥିଲେ। ଏହି ମାମଲାରେ ପୋଲିସ ମଙ୍ଗଳବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧୁମୁଛାଇର ସୁଦର୍ଶନ ସ୍ୱାଇଁ ଓ ଡ଼ିମିରିପଲ୍ଲୀର କାଳିଆ ନାଇକ। ଆହତ ସନ୍ତୋଷ ଘଟଣାପରଠୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ସନ୍ତୋଷ ଘଟଣାଦିନ ଗ୍ରାମ ଛକରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନଙ୍କ ସହ କୌଣସି କାରଣରୁ ହଠାତ୍ ବଚସା ହୋଇଥିଲା। ଏହାପରେ ସୁଦର୍ଶନ ଓ କାଳିଆ ମିଶି ସନ୍ତୋଷଙ୍କ ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ।

# ଗ୍ରାହକଙ୍କ ସମସ୍ୟା ସମାଧାନ ନେଇ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ସହରାଞ୍ଚଳ ଗ୍ରାହକ ସୁରକ୍ଷା ଓ ଅଧିକାର କମିଟି ସଦସ୍ୟମାନେ।

**ପାରଳାଖେମୁଣ୍ଡି, ୪।୨ (ସ୍ୱ.ପ୍ର.)**

ଗ୍ରାହକଙ୍କ ସୁବିଧା ପାଇଁ ପାରଳାଖେମୁଣ୍ଡି ସହରାଞ୍ଚଳ ଗ୍ରାହକ ସୁରକ୍ଷା ଓ ଅଧିକାର କମିଟି ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ଗଜପତି ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓଙ୍କୁ ପ୍ରଦାନ କରାଯାଇଛି। ଗ୍ୟାସ ସଲିଣ୍ଡର ଦେବା ସମୟରେ କର୍ମଚାରୀମାନେ ଉପଭୋକ୍ତାଙ୍କଠାରୁ ରଶିଦରେ ଥିବା ଅର୍ଥରାଶୀରୁ ଅଧିକ ଟଙ୍କା ନେଇଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏହାର ତୁରନ୍ତ ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ପାରଳାଖେମୁଣ୍ଡି ସହରରେ ଗ୍ୟାସ ସିଲିଣ୍ଡରର ପ୍ରକୃତ ଅର୍ଥଠାରୁ ପ୍ରାୟ ୨୦ରୁ ୩୦ ବେଳେବେଳେ ଏପରିକି ୫୦ଟଙ୍କା ମଧ୍ୟ ଦେବାକୁ ପଡୁଛି। ତେଣୁ ପ୍ରଶାସନ ଏହାର ସମାଧାନ କରନ୍ତୁ ବୋଲି କମିଟି ସଭାପତି ଭାଗବତ ପାଢୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉପଦେଷ୍ଟା ନବୀନାନନ୍ଦ ଗନ୍ତାୟତ, କିଶୋର ଚନ୍ଦ୍ର ଗୁରୁ, ସଭ୍ୟ ଶିଶିର କୁମାର ଭଞ୍ଜସାମନ୍ତ, ଆର୍.ଲୋକନାଥମ, ରାଜେନ୍ଦ୍ର ପାତ୍ର, ଦେବେନ୍ଦ୍ରନାଥ ଜମାଦାର, ତନୁଜା ଶତପଥି, ଡି.ପ୍ରଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ମିଳିଲା ପ୍ରମାଣପତ୍ର, ଭତ୍ତା

**ପାରଳାଖେମୁଣ୍ଡି, ୪।୨ (ସ୍ୱ.ପ୍ର.)**

**ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଅଭିଯାନ**


ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ଗଜପତି ଜିଲା ଗୋଷାଣୀ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କରାଯାଇଛି। ଗୋଷାଣୀର ବ୍ଲକର ସମସ୍ତ ପଞ୍ଚାୟତର ଦିବ୍ୟାଙ୍ଗମାନେ ସାମିଲ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଅସ୍ଥିଶଲ୍ୟ ଡାକ୍ତର ଶାନ୍ତନୁ କୁମାର ପାଢୀ, ଚକ୍ଷୁ ବିଶେଷଜ୍ଞ ଦୀପକ କୁମାର ଚୌଧୁରୀ, କର୍ଣ୍ଣ,ନାଶା, ଗଳା ବିଶେଷଜ୍ଞ ରଶ୍ମୀକାନ୍ତ ମିଶ୍ର ଏବଂ ରେଡକ୍ରସ୍ ଉପନିର୍ଦ୍ଦେଶକ ରୁବିକା କୁମାରୀ ଶତପଥୀ ପ୍ରମୁଖ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣପତ୍ର ଦେଇଥିଲେ। ସେହିପରି ବ୍ଲକ ପକ୍ଷରୁ ସେମାନଙ୍କ ପାଇଁ ଖାଉଟି କାର୍ଡ,ଭତ୍ତା, ରେଳ ଓ ବସଯାତ୍ରା ପାଇଁ ରିହାତି ବ୍ୟବସ୍ଥା କରାଯାଇଥିଲା। ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ଆଶାବାଡି, ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ଏବିଡିଓ ଅଭିମନ୍ୟୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ପରିସଂଖ୍ୟାନ ଅଧିକାରୀ ସୁବ୍ରତ କୁମାର ଦାସ, ସଞ୍ଜୟ ମହାପାତ୍ର, ଶେଷଗିରି ବେହେରା, ବ୍ଲକର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ, ପେନସନ ସହାୟକ ଏଥିରେ ସହଯୋଗ କରିଥିଲେ।

### ଅଟୋ ସହ ଶାଳକାଠ ଜବତ: ବନ ବିଭାଗକୁ ହସ୍ତାନ୍ତର କଲା ପୋଲିସ

**ଭଞ୍ଜନଗର,୪।୨(ଡି.ଏନ.ଏ)**

ବେଲଗୁଣ୍ଠା ଫାଣ୍ଡି ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ସୁତୁମସର ନିକଟରେ ଏକ ଅଟୋରୁ ଶାଳକାଠ ଜବତ କରିଛି। ଏହାପରେ କାଠ ସହ ଅଭିଯୁକ୍ତମାନଙ୍କୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଇପଲ୍ଲୀର ସତ୍ୟନାରାୟଣ ବିଷୋୟୀ, ଟାଙ୍ଗଣର ବାବୁଲା ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନ। ପ୍ରକାଶ ଯେ, ଅଭିଯୁକ୍ତମାନେ ଲେମ୍ବେଇରୁ ଚୋରା କାଠ ଭର୍ତ୍ତିକରି ଏକ ଅଟୋରେ ସୋମବାର ରାତିରେ ବେଲଗୁଣ୍ଠା ଅଭିମୁଖେ ଆସୁଥିବାବେଳେ ସୁତୁମୁସର ନିକଟରେ ପାଟ୍ରୋଲିଂ କରୁଥିବା ବେଲଗୁଣ୍ଠା ଫାଣ୍ଡି ପୋଲିସ ହାବୁଡ଼ରେ ପଡିଯାଇଥିଲେ।

# ସାପ୍ତାହିକ ଭାଗବତ ପୁରାଣପାଠ ଉଦ୍ଯାପିତ


ସାଧ୍ୱୀଦିବ୍ୟା ଗିରିଜା ମହାରାଜ ପ୍ରବଚନ ଦେଉଛନ୍ତି ।

**ପଡିଆ,୪।୨(ଡି.ଏନ.ଏ.)–** ମାଲକାନଗିରି ଜିଲା ପଡିଆ ଦୁର୍ଗାମଣ୍ଡପଠାରେ ଗତ ୨୭ରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆଧ୍ୟାତ୍ମିକ ଜନ କଲ୍ୟାଣ ଗୋ ସେବା ପରିଷଦ ପକ୍ଷରୁ ଚାଲିଥିବା ଭାଗବତ ପୁରାଣ ପାଠ ସୋମବାର ଉଦ୍ଯାପିତ ହୋଇଯାଇଛି। ଗତ ୨୭ରେ ଶତାଧିକ ମହିଳା କଳସ ସାବେରୀ ନଦୀରୁ ଜଳସଂଗ୍ରହ କରି ଶୋଭାଯାତ୍ରାରେ ସହର ପରିକ୍ରମା କରି ଦୁର୍ଗା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜାର୍ଚ୍ଚନା କରାଯାଇଥିଲା। ଉତ୍ତରପ୍ରଦେଶ ହରିଦ୍ୱାରର ରାଷ୍ଟ୍ରୀୟ କଥାଭ୍ୟାସ ବାଲ୍ ସନ୍ୟାସୀ ସ୍ୱାଧୀଦିବ୍ୟା ଗିରିଜା ମହାରାଜ ଯୋଗଦେଇ ଗୀତା ପ୍ରବଚନ ଦେଇଥିଲେ । ସାତ ଦିନ ଧରି ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିଲା । ପୂର୍ଣ୍ଣ ଆରତି ପରେ ସମସ୍ତ କଳସ ସାବେରୀ ନଦୀରେ ବିସର୍ଜନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଯୁବ ସଂଗଠକ ରାମଚନ୍ଦ୍ର ମାଝି, କୋଟାମ ବାଲୟା, କେ. ଭାସ୍କର ରାଓ, ଭୀମା ରାଓ ମାଝି, କୋରାପୁ ଲଛମୟା, ସତ୍ୟ ନାରାୟଣ ମାଝି, ସୁଜିତ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ବୈଠକ

**ପଡିଆ, ୪।୨(ଡି.ଏନ.ଏ. )–**

ମାଲକାନଗିରି ଜିଲା ସୀମାନ୍ତ ପଡିଆରେ ଚଳିତ ବର୍ଷ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ପଡିଆ ଆଞ୍ଚଳିକ ମହାବିଦ୍ୟାଳୟସ୍ଥିତ ଖେଳ ପଡିଆ ଏକ ବୈଠକ ହୋଇଥିଲା। ପଡିଆ ଫ୍ରେଣ୍ଡସ୍ କ୍ରିକେଟ ଆସୋସିଏଶନ ସଭାପତି ଏମ.ଡ. ଫାରୁକ ବୈଠକରେ ସଭାପତିତ୍ୱ କରିଥିଲେ। ଫେବୃଆରୀ ତୃତୀୟ ସପ୍ତାହରୁ ଏହି ଟୁର୍ନାମେଣ୍ଟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଓଡିଶା, ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ମୋଟ ୧୬ଟି ଦଳକୁ ନେଇ ଟି-୨୦ ଟୁର୍ନାମେଣ୍ଟ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଫ୍ରେଣ୍ଡସ କ୍ରିକେଟ କ୍ଲବର ଉପଦେଷ୍ଟା ଏନ. ରାଘବ ରାଓ, ନାକା ନୁକାଲ ରାଜୁ, ଚିନାମ ରାବିଡ଼ୁ, ବୀରେନ୍ଦ୍ର ସିଂ, ଏମ.ଡି. କାଦର, ପରମାନନ୍ଦ ମହାପାତ୍ର, ସୌମ୍ୟ ମାରାଣ୍ଡି, କେ. ଭାସ୍କର, ପରେଶ ମଲଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କ୍ରିକେଟପ୍ରେମୀ ଉପସ୍ଥିତ ଥିଲେ।


ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ପାଇଁ କର୍ମକର୍ତ୍ତାଙ୍କୁ ନେଇ ବସିଥିବା ବୈଠକ ।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**କୋକସରା,୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନଂ. ଜାତୀୟ ରାଜପଥ କୁସୁମଖୁଣ୍ଟି-ନୂଆପଡା ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକକ ହେଲେ କୋକସରା ବ୍ଲକ ସାନପୋଡାଗୁଡା ପଞ୍ଚାୟତ ନେଗିଗୁଡା ଗ୍ରାମର ବୀର କିଶୋର ଗୋପାଲ (୫୦)। ନେଗିଗୁଡା ଗ୍ରାମର ବୀର କିଶୋର ମଙ୍ଗଳବାର ସକାଳୁ ସାଇକେଲରେ ଜାଳେଣି କାଠ ବିକ୍ରି କରିବାକୁ ମୋଟେର ଯାଇ ଘରକୁ ଫେରୁଥିଲେ। ଏହି ସମୟରେ କୁସୁମଖୁଣ୍ଟି -ନୂଆପଡା ଛକ ନିକଟରେ ଏକ ବାଇକ (ନଂ. ଓଡି୦୮ଜେ-୫୫୧୭) ସାଇକେଲ ଆରୋହୀ ବୀର କିଶୋରଙ୍କୁ ଧକ୍କା ଦେଇଥିଲା।


ମାଲକାନଗିରି ଜିଲାରେ ଆରମ୍ଭ ହୋଇଥିବା ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ ଅବସରରେ ଚିତ୍ରକୋଣ୍ଡାଠାରେ ମଙ୍ଗଳବାର ହୋଇଥିବା ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବରେ ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।



PARAMOUNT AUTOMOBILES PVT. LTD-7428450298







# ବିଦ୍ୟାଳୟରୁ ଲୁଚି ପଳାଇଥିବା ୨ ଛାତ୍ର ସୁକୁମାରୁ ଉଦ୍ଧାର

**ମାଲକାନଗିରି,୪।୨(ଡି.ଏନ.ଏ.)**

ସରସ୍ୱତୀ ପୂଜା ଦିନ ଗତ ୩୦ରେ ମାଲକାନଗିରି ସଦର ବ୍ଲକ ମାଟାପାକା ପଞ୍ଚାୟତ ମାଟାପାକା ଉଚ୍ଚ ବିଦ୍ୟାଳୟର ୨ ଜଣ ଛାତ୍ର ନିଖୋଜ ହୋଇଯାଇଥିଲେ। ଏନେଇ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥାନାରେ ଜଣାଇବା ସହ ପରିବାର ଲୋକଙ୍କୁ ମଧ୍ୟ ଜଣାଇଥିଲେ। ପୋଲିସ ଏବଂ ପରିବାର ଲୋକେ ଅନେକ ଖୋଜାଖୋଜି କଲା ପରେ ସେମାନଙ୍କ କୌଣସି ସୁରାକ ମିଳି ନ ଥିଲା। ତେବେ ପଡ଼ୋଶୀ ଛତିଶଗଡ଼ ସୁକୁମା ଜିଲାର ବାଲ ବିଭାଗ ସଙ୍ଗଠନ ଏହି ୨ଛାତ୍ରଙ୍କୁ ଉଦ୍ଧାର କରି ମାଲକାନଗିରି ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ସୁକୁମା ବାଲ୍ ସୁରକ୍ଷା ଅଧିକାରୀ ଉଭୟ ଶିଶୁଙ୍କୁ ମାଲକାନଗିରି ଶିଶୁ ମଙ୍ଗଳ କମିଟି ନିକଟରେ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ, ମାଟାପାକା ବିଦ୍ୟାଳୟରେ ସରସ୍ୱତୀ ପୂଜା ଦିନ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏହି ୨ ଛାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପରିବାର ଲୋକଙ୍କୁ ନ ଜଣାଇ ଜଣେ ଦଲାଲଙ୍କ ସହ ସୁକୁମାରେ ଏକ ଇଟା ତିଆରି କାରଖାନାରେ କାମ କରିବା ପାଇଁ ଯାଇଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ କହିଛନ୍ତି ଯେ, ଶିଶୁଙ୍କ ପରିବାର ଲୋକଙ୍କୁ ନୋଟିସ୍ କରାଯାଇଛି। ସେମାନେ ଆସିବା ପରେ କେଉଁ କାରଣରୁ ଶିଶୁମାନେ ବାହାର ରାଜ୍ୟକୁ ଯାଇଥିଲେ ତା'ର ତଦନ୍ତ କରାଯିବା ସହ ଶିଶୁମାନଙ୍କୁ ପରିବାରକୁ ହସ୍ତାନ୍ତର କରାଯିବ।






# ଶ୍ରୀମଦ୍ ଭଗବତ ଗୀତା ପ୍ରତିଯୋଗିତା

**ଗୋବିନ୍ଦପାଲି,୪।୨(ଡି.ଏନ.ଏ.)**

କଟକସ୍ଥିତ ପ୍ରଜ୍ଞାନ ମିଶନ ପକ୍ଷରୁ ୫ମ ଶ୍ରେଣୀରୁ ସ୍ନାତକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀମଦ୍ ଭଗବତ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମାଲକାନଗିରି ଜିଲାରେ ମଙ୍ଗଳବାର ଶ୍ରୀମଦ୍ ଭାଗବତର ପ୍ରଥମ ଅଧ୍ୟାୟ ଅର୍ଜୁନ ବିଶାଦ ଯୋଗକୁ ନେଇ ଲିଖିତ ପ୍ରତିଯୋଗିତା ହୋଇଛି। ମାଲକାନଗିରି ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ କେନ୍ଦ୍ରରେ ଭାଗ ନେଇଥିଲେ। ପୋଡ଼ଘାଟସ୍ଥିତ ଆଦର୍ଶ ବିଦ୍ୟାଳୟ କେନ୍ଦ୍ରରେ ୧୪୭ ଜଣ, ଖଇରପୁଟ ଆଶ୍ରମ ବିଦ୍ୟାଳରେ ୯୧, ସରସ୍ୱତୀ ଶିଶୁମନ୍ଦିର ବାଲିମେଳା କେନ୍ଦ୍ରରେ ୧୪୯, ସରକାରୀ ହାଇସ୍କୁଲ ଚିତ୍ରକୋଣ୍ଡାରେ ୭୧ ଓ ମାଲକାନଗିରିସ୍ଥିତ ପୂର୍ବତନ ବୋର୍ଡ଼ ସରକାରୀ ବିଦ୍ୟାଳୟରେ ୩୫ ଜଣ ଅଂଶଗ୍ରହଣ କରିଥିଲେ। ମୋଟ ୫୦୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଜ୍ଞାନ ମିଶନ ମୁଖ୍ୟ ତଥା କ୍ରିୟାଯୋଗର ମୁଖ୍ୟ ଶ୍ରୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଛାତ୍ରୀଛାତ୍ରଙ୍କୁ ନିଜ ମୂଲ୍ୟବାନ ଜୀବନ ରାଷ୍ଟ୍ର ଗଠନ ଓ ଭାଗବତ ଗୀତାର ଉପଦେଶକୁ ନିତ୍ୟ ଜୀବନରେ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷକ, ସାମାଜିକ କର୍ମୀ, ବିଭିନ୍ନ କେନ୍ଦ୍ରରେ ପ୍ରତିଯୋଗିତା ପରିଚାଳନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ, ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
-ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ସୁନାବେଡ଼ା,୪।୨: ସୁନାବେଡ଼ା ମିଗ୍‌ନଗରୀସ୍ଥିତ ଭିଏସ୍ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହେମନ୍ତ ସେଠ ସଭାପତିତ୍ୱ କରିଥିଲେ। ସମ୍ପାଦକ ତନବିର ଆଲାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ସିବିଏସ୍‌ଇ ବାର୍ଷିକ ପରୀକ୍ଷାରେ କୃତିତ୍ୱର ସହ ସଫଳତା ହାସଲ କରିବା ପାଇଁ ପିଲାଙ୍କୁ ଶୁଭ କାମନା ଜଣାଇଥିଲେ। ବର୍ତ୍ତମାନର ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ନିଜକୁ କିଭଳି ପ୍ରତିଷ୍ଠିତ କରିପାରିବେ, ସେ ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ରଚିତା ପଣ୍ଡା ବିଦ୍ୟାଳୟରେ ସେମାନଙ୍କ ଦୀର୍ଘ ଚଉଦ ବର୍ଷର ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୌତୁକିଆ ଖେଳ ଆୟୋଜନ କରିଥିଲେ। ଏକାଦଶ ଶ୍ରେଣୀର ଅସୀମ ରଥ, ତନୁଶ୍ରୀ ପଟ୍ଟନାୟକ, ଅନୁପମ ଗିରି, ସମୀକ୍ଷା ମଧୁଆଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଉପାଧ୍ୟକ୍ଷ ପି.କେ. ମିଶ୍ର, ଅନ୍ୟତମ ଉପାଧ୍ୟକ୍ଷ ବାବାଜୀ ଚରଣ ଦଳାଇ, ଡ. ଚନ୍ଦ୍ରଶେଖର ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ବିଶ୍ୱ କର୍କଟ ଦିବସ ପାଳିତ




ଜୟପୁର, ୪।୨(ନି.ପ୍ର.): ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୁରାତନ ଚିକିତ୍ସାଳୟରୁ ଏକ ସଚେତନତା ଶୋଭାଯାତ୍ରାକୁ ଚିକିତ୍ସାଳୟ ଅଧୀକ୍ଷକ ଡା. ରାମକୃଷ୍ଣ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ମୁଖ୍ୟରାସ୍ତା ଏବଂ ରଥପଡିଆ ଦେଇ ପୁଣି ପୁରାତନ ଚିକିତ୍ସାଳୟରେ ପହଞ୍ଚି ଏକ ସଚେତନତା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା. ଅରୁଣ ପାଢ଼ୀ, ଦନ୍ତ ଚିକିତ୍ସକ ଡା.ଏସ୍.ଟି. ପ୍ରୟାଗ, ଏଡିପିଏଚ୍ ମାଧବ ପାଙ୍ଗି, ଜିଲା ପରାମର୍ଶଦାତା ସତିଶ ତ୍ରିପାଠୀ, ସଂଯୋଜକ ଚିନ୍ମୟ ବେହେରା, ଏନ୍ଏସ୍‌ଡି କାଉନସିଲର ସମୀକ୍ଷା ସାହୁ, ଶ୍ୟାମସୁନ୍ଦର ବିଶ୍ୱାଳ, ଯୋଶେଫ ଚେଞ୍ଚି ଏବଂ ନର୍ସ ତାଲିମ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ୪ ଜିଲାରୁ ପରୀକ୍ଷା ଦେବେ ୪୪,୯୫୧ ପରୀକ୍ଷାର୍ଥୀ

ଜୟପୁର,୪।୨(ଡି.ଏନ୍.ଏ.)

ଆସନ୍ତା ୧୯ରୁ ମାର୍ଚ୍ଚ ୨ ଯାଏ ୨୦୧୯-୨୦ ବର୍ଷର ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୬ରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ପ୍ରବେଶପତ୍ର ଦିଆଯିବ। ୱେବସାଇଟରୁ ଡାଉନଲୋଡ ବ୍ୟବସ୍ଥା ହୋଇଛି। ଜୟପୁରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲାର ୨୦୮ଟି କେନ୍ଦ୍ରରେ ୮୧୬ଟି ବିଦ୍ୟାଳୟର ୪୪,୯୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

କୋରାପୁଟ ଜିଲାର ୬୨ଟି କେନ୍ଦ୍ରରେ ୨୭୩ ବିଦ୍ୟାଳୟର ୧୩,୦୯୭ ଜଣ ରେଗୁଲାର, ୧୬୩୮ ଜଣ ଏକ୍ସ-ରେଗୁଲାରଙ୍କୁ ମିଶାଇ ୧୪,୭୩୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମାଲକାନଗିରି ଜିଲାର ୨୯ଟି କେନ୍ଦ୍ରରେ ୧୧୭ଟି ବିଦ୍ୟାଳୟର ୫୩୨୭ ଜଣ ରେଗୁଲାର, ୩୪୭ ଜଣ ଏକ୍ସ-ରେଗୁଲାରଙ୍କୁ ମିଶାଇ ୫୬୭୪ ଜଣ ପରୀକ୍ଷାରେ ବସିବେ। ନବରଙ୍ଗପୁର ଜିଲାର ୬୯ଟି କେନ୍ଦ୍ରରେ ୨୨୪ଟି ବିଦ୍ୟାଳୟର ୧୩୧୭୬ ଜଣ ରେଗୁଲାର, ୨୦୦ ଜଣ ଏକ୍ସ-ରେଗୁଲାରଙ୍କୁ ମିଶାଇ ୧୩୩୭୬ ଜଣ ପରୀକ୍ଷା ଦେବେ। ସେହିପରି ରାୟଗଡ଼ା ଜିଲାର ୪୮ଟି କେନ୍ଦ୍ରରେ ୨୦୨ ବିଦ୍ୟାଳୟର ୧୦୪୯୨ ରେଗୁଲାର, ୭୧୪ ଜଣ ଏକ୍ସ-ରେଗୁଲାର ପରୀକ୍ଷାରେ ବସିବେ ବୋଲି ଜଣାପଡ଼ିଛି। ପ୍ରଶ୍ନପତ୍ର ଓ ଉତ୍ତରଖାତା ସୁରକ୍ଷିତ ରଖିବା ପାଇଁ କୋରାପୁଟ ଜିଲାର ବିଭିନ୍ନ ବିଦ୍ୟାଳୟରେ ୧୦ଟି ନୋଡାଲ କେନ୍ଦ୍ର ହୋଇଛି। ମାଓବାଦୀ ଅଧ୍ୟୁଷିତ ବନ୍ଧୁଗାଁ, ନାରାୟଣପାଟଣା, ପଟ୍ଟାଙ୍ଗି, ପାଡୁଆ ଥାନା ଓ ଲମତାପୁଟ ଆଉଟପୋଷ୍ଟରେ ନୋଡାଲ କେନ୍ଦ୍ର ଭାବେ ପ୍ରଶ୍ନପତ୍ର ଓ ଉତ୍ତରଖାନା ରଖାଯିବ। ସେହିପରି ମାଲକାନଗିରି ଜିଲାର ସମସ୍ତ ୧୦ କେନ୍ଦ୍ରର ପ୍ରଶ୍ନପତ୍ର, ଉତ୍ତରଖାନା ଥାନା ଓ ଆଉଟପୋଷ୍ଟରେ ରହିବ। ଏହି କେନ୍ଦ୍ରଗୁଡ଼ିକ ହେଲା ମାଲକାନଗିରି, ବାଲିମେଳା, ମାଥିଲି, କାଲିମେଳା, ଚିତ୍ରକୋଣ୍ଡା, ଏମ୍‌ଭି-୭୯, ଖଇରପୁଟ (ମୁଦୁଲିପଡ଼ା) ଥାନା, ପୋଟେରୁ, ପାଡୁଆ ଓ ଗୁମ୍ମା ଆଉଟପୋଷ୍ଟକୁ ନୋଡାଲ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ସେହିପରି ନବରଙ୍ଗପୁରି ଜିଲାରେ ୯, ରାୟଗଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରେ ନୋଡାଲ କେନ୍ଦ୍ର ଖୋଲାଯାଇଛି। କିନ୍ତୁ ଉକ୍ତ କେନ୍ଦ୍ରରେ ସିସି କ୍ୟାମେରା ଓ ପୋଲିସର କଡ଼ା ସୁରକ୍ଷା ରହିବ। ସେହିପରି ସଂସ୍କୃତ ବିଦ୍ୟାଳୟର ମଧ୍ୟମା ପରୀକ୍ଷା ପାଇଁ କେବଳ କୋରାପୁଟ ଜିଲା ଜୟପୁର ମହାରାଜା ସଂସ୍କୃତ ବିଦ୍ୟାଳୟର ୧୪ ଜଣ ରେଗୁଲାର ଏବଂ ୨ଜଣ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପରୀକ୍ଷା ଦେବେ। ମୁକ୍ତ ବିଦ୍ୟାଳୟ (ଏସ୍‌ଓଏସ୍) ପାଇଁ ୧୦୬୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏଥିପାଇଁ କୋରାପୁଟରେ ୪, ମାଲକାନଗିରିରେ ୩, ନବରଙ୍ଗପୁରରେ ୨ ଓ ରାୟଗଡ଼ାରେ ୪ଟିକୁ ମିଶାଇ ସମୁଦାୟ ୧୩ଟି ପରୀକ୍ଷା କେନ୍ଦ୍ର ରହିଛି।

**ଅବିଭକ୍ତ କୋରାପୁଟ**

- ୨୦୮ କେନ୍ଦ୍ରରେ ପରୀକ୍ଷା ଦେବେ ୮୧୬ ବିଦ୍ୟାଳୟର ଛାତ୍ରୀଛାତ୍ର
- ମାଓବାଦୀ ପ୍ରବଣ କେନ୍ଦ୍ରର ପ୍ରଶ୍ନପତ୍ର, ଉତ୍ତରଖାତା ଥାନା, ଆଉଟପୋଷ୍ଟରେ ରଖାଯିବ



ଦଶମନ୍ତପୁର ସଦରସ୍ଥିତ ଆର୍‌ଡବ୍ଲ୍ୟୁଏସ୍ଏସ୍ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଏକ ଗ୍ୟାରେଜରୁ ଏକ କମାଣ୍ଡର (ଓଆର୍୧୦ ୭୨୬୬) ମଙ୍ଗଳବାର ନାଳକୁ ଖସିପଡ଼ିଛି।

## ବେପାରୀଙ୍କ ଘରୁ ଡକାୟତି ଉଦ୍ୟମ

ଜୟପୁର,୪।୨(ଡି.ଏନ୍.ଏ.)

ଜୟପୁର ସହରର ବ୍ୟବସାୟୀଙ୍କ ଘରେ ଗତ ସୋମବାର ବିଳମ୍ବିତ ରାତିରେ ବିଭିନ୍ନ ମାରଣାସ୍ତ୍ର ନେଇ ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରିଛନ୍ତି। କିନ୍ତୁ ଗୃହ ମାଲିକ, ଅନ୍ୟ ପରିବାର ଓ କାର୍ଯ୍ୟରତ କର୍ମଚାରୀ ଉଠିପଡ଼ିବାରୁ ଡକାୟତମାନେ ଚମ୍ପଟ ମାରିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭିର ଫୁଟେଜ ଯାଞ୍ଚ କରୁଛି। ଡକାୟତମାନେ ଛାଡ଼ିଯାଇଥିବା ଖଣ୍ଡା ଓ ଛୁରା ଜବତ କରିଛି ପୋଲିସ। ୫ଜଣ ମୁଖାପିନ୍ଧା ଡକାୟତ ସହରର ପ୍ରତିଷ୍ଠିତ ବ୍ୟବସାୟୀ ପୂର୍ଣ୍ଣ ପଟ୍ଟନାୟକଙ୍କ ଡଙ୍ଗାଗୁଡ଼ାସ୍ଥିତ ବାସଭବନରେ ବିଳମ୍ବିତ ରାତିରେ ପଶିବାକୁ ଚେଷ୍ଟା କରିଥିଲେ। ତାଙ୍କ ଶୋଇବାଘରେ ପଶିବା ବେଳେ ପୂର୍ଣ୍ଣ ଉଠିପଡ଼ିବାରୁ ଖଣ୍ଡାରେ ଡକାୟତମାନେ ଶୋଇବାଘର କବାଟ ଖୋଲିବାକୁ ଚେଷ୍ଟା କରୁଥିଲେ। ପୂର୍ଣ୍ଣ ଓ ତାଙ୍କ ସ୍ତ୍ରୀ ପାଟି କରିବା ସହ ଘରେ ଲଗାଇଥିବା ସାଇରନ ବଜାଇଥିଲେ। ଫଳରେ ତାଙ୍କ ୱାର୍କଶପ୍‌ର କର୍ମଚାରୀମାନେ ଆସିବାରୁ ଡକାୟତମାନେ ପଳାଇଥିଲେ।

## ଉନ୍ନୟନ ଯୋଜନା ସଚେତନତା କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ସେମିଳିଗୁଡ଼ା,୪।୨(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକର କୌଶଳ ଉନ୍ନତି ତାଲିମ କେନ୍ଦ୍ରରେ ମଙ୍ଗଳବାର କୋରାପୁଟ ଜିଲା ଅଧୀନ ସେମିଳିଗୁଡ଼ା, ପଟ୍ଟାଙ୍ଗି ଓ ନନ୍ଦପୁର ବ୍ଲକ ଅନ୍ତର୍ଗତ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ନେଇ ଗ୍ରାମାଞ୍ଚଳର ଉନ୍ନୟନ ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୩ଟି ବ୍ଲକ ଅଧୀନ ୫୪ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ଉପସ୍ଥିତିରେ ସରକାରୀ ଉନ୍ନତିମୂଳକ ଯୋଜନା ଉପରେ ଜନସାଧାରଣଙ୍କୁ କିପରି ସଚେତନ କରାଯାଇ ପାରିବ, ତାହା ଆଲୋଚନା ହୋଇଥିଲା। ୫-ଟି, ସ୍ୱଚ୍ଛ ଭାରତ, ମୋ' ସରକାର, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଓ ସ୍ୱଚ୍ଛତା ଉପରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରି ରହି କିପରି ଉନ୍ନତି ହୋଇପାରିବ, ତାହା ଉପରେ ବିଶେଷ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦପୁର ବିଡିଓ, ସମସ୍ତ ବ୍ଲକ ସିଡିପିଓ, ସେମିଳିଗୁଡ଼ା କନିଷ୍ଠ ଯନ୍ତ୍ରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଟିକିଟି ନିର୍ବାଚନମଣ୍ଡଳୀ ଉପଜିଲାପାଳ ଅଫିସ ଘେରିଲା ଭାଜପା

ବ୍ରହ୍ମପୁର ଅଫିସ,୪।୨

ଗଞ୍ଜାମ ଜିଲା ଟିକିଟି ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁରରେ ଶୋଭାଯାତ୍ରା ଏବଂ ଉପଜିଲାପାଳଙ୍କ ଅଫିସ ଘେରାଉ ସହ ଗଣଧାରଣା ଦିଆଯାଇଥିଲା। ନିର୍ବାଚନ ମଣ୍ଡଳୀର ନୂଆପଡ଼ା ସମେତ ବିଭିନ୍ନ ଅଞ୍ଚଳରେ ସରକାରୀ ଯୋଜନାର ଦୁରୁପଯୋଗ ହୋଇଥିବା ଏବଂ ପ୍ରକୃତ ଗରିବ ହିତାଧିକାରୀଙ୍କୁ ବାଦ ଦେଇ ଶାସକ ଦଳ ସମର୍ଥିତ ଧନୀ ପରିବାରକୁ ଆବାସ ଯୋଜନାରେ ଅନେକ ବାସଗୃହ ଦିଆଯାଉଥିବା ଅଭିଯୋଗ କରାଯାଇଥିଲା। ବିଭିନ୍ନ ଭାବରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି ଓ ଅନୀତି ବଢ଼ି ଚାଲିଥିବା ଏବଂ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ନିର୍ବାଚନ ମଣ୍ଡଳୀରୁ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗିରିରୋଡସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ରାଲି ବାହାରିଥିଲା। ରାସ୍ତା ପରିକ୍ରମା ବେଳେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିରୋଧରେ ନାରାବାଜି କରାଯାଇଥିଲା। ଉପଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚିବା ପରେ ଗଣଧାରଣା ସହ ଘେରାଉ କରାଯାଇଥିଲା। ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଦଳର ଜିଲା ସଂଗଠନର ନେତା ରାଜେଶ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆସନ୍ତା ୭ ତାରିଖରେ ଦାବି ଓ ଅଭିଯୋଗ ନେଇ ଆଲୋଚନା ଏବଂ କାର୍ଯ୍ୟାନୁଷ୍ଠାନ କରାଯିବାର ପ୍ରତିଶ୍ରୁତି ମିଳିବାରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ମନୋରଞ୍ଜନ ସୂଚନା ଦେଇଛନ୍ତି।

## ଉପାନ୍ତ ଅଞ୍ଚଳରେ ପ୍ରଥମଥର ଜୀବନ ଜୀବିକା କର୍ମଶାଳା

କୁନ୍ଦୁରା,୪।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପାନ୍ତ କେରିମିଟି ପଞ୍ଚାୟତ ଅନ୍ତର୍ଗତ ବାଲିବେଡ଼ାରେ ପ୍ରଥମଥର ପାଇଁ ମଙ୍ଗଳବାର ଜୀବନ ଜୀବିକା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୪ଟି ପଞ୍ଚାୟତ କେରିମିଟି, ବାଗଦେରୀ, ଆସନା ଓ ଫୁଲଭଟ୍ଟାର ମହିଳା ସ୍ୱୟଂ ସହାୟକ ସଂଘ, ଚାଷୀଙ୍କ ସମେତ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଚିରସ୍ଥାୟୀ ଜୀବନ ଜୀବିକା ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏପିଡି ମହେଶ୍ୱର ଚନ୍ଦ୍ର ନାୟକ, ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜୟ ମାଝି, ନାଟଗୁରୁ ମହାସଂଘ ଓ ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ଉପେନ୍ଦ୍ର ମହାରଣା ଯୋଗ ଦେଇଥିଲେ। ଅନୁନ୍ନତ ଉପାନ୍ତ ପାର୍ବତ୍ୟାଞ୍ଚଳରେ ଯେତିକି ଚାଷୋପଯୋଗୀ ଜମି ରହିଛି, ସେଥିରେ କେବଳ ଖରିଫ ଚାଷ ହୋଇପାରୁଛି। ଏହା ବାଦ୍ ଏଠାରେ ଜୀବିକା ଅର୍ଜନ ପାଇଁ ଅନ୍ୟ କିଛି ପନ୍ଥା ନ ଥିବା ଯୋଗୁ ଲୋକେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଉଛନ୍ତି। ସେଥିପାଇଁ ପ୍ରଶାସନ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବି ଜଣାଇବା ସହ ଏଠାରେ ଥିବା କୋଲାବ, କୁର୍ଲୁ ଓ ବିରି ନଦୀରେ ମେଗା ଜଳ ପ୍ରକଳ୍ପ ସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅଞ୍ଚଳରେ ମେଗା ପ୍ରକଳ୍ପ କରାଗଲେ ଏଠାରେ ରବି ଓ ଖରିଫ ଋତୁ ଚାଷ ହେବା ସାଙ୍ଗକୁ ସ୍ଥାନୀୟ ଲୋକେ ବାହାରକୁ ଦାଦନ ଖଟିବାକୁ ଯିବେନାହିଁ। ଋତୁ ଅନୁଯାୟୀ ବିଭିନ୍ନ ପନିପରିବା ଚାଷକରି ସ୍ୱାବଲମ୍ବୀ ହୋଇପାରିବେ। ଏହାସହ ଶିକ୍ଷା, କୃଷି, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ ଉପରେ ପ୍ରଶାସନ ଗୁରୁତ୍ୱ ଦେଇ ଏହି ଉପାନ୍ତ ଅଞ୍ଚଳରେ ଜନସାଧାରଣଙ୍କୁ ଉପକୃତ କରାଇବ ବୋଲି କାର୍ଯ୍ୟକ୍ରମର ଆବାହକ ଚନ୍ଦ୍ର ସଗରିଆ କହିଥିଲେ। ଜଙ୍ଗଲଜମି, ଶିକ୍ଷା ଅଧିକାର, ପ୍ରଚଳିତ ଥିବା କୁସଂସ୍କାର, ୫-ଟି, ମୋ ସରକାର ଭଳି ଗୁରୁତ୍ୱପୂର୍ଣ୍ଣ ଆଇନ ଓ ଯୋଜନା ବିଷୟରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିକାଶ ସଙ୍ଗଠନର ସଭାନେତ୍ରୀ ବୁଦାଇ ପୂଜାରୀ, କାବେରୀ ଦୁରୁଆ, ପଦଲାମ ଗୌଡ଼ ଯୋଗ ଦେଇଥିଲେ। ଏହି ଅଞ୍ଚଳରେ ଥିବା ଉତ୍ତମ ଶିକ୍ଷକ, ଚାଷୀ, ଜଙ୍ଗଲ ସୁରକ୍ଷା କମିଟିଙ୍କୁ ମହାସଂଘ ପକ୍ଷରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଯକ୍ଷ୍ମା ନିରାକରଣ ପାଇଁ ଗଡ଼ିଲା ସଚେତନତା ରଥ




ପ୍ରଚାର ରଥକୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଲମତାପୁଟ,୪।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ଯକ୍ଷ୍ମା ନିରାକରଣ ପାଇଁ ତାଲିମ ଓ ସଚେତନତା କାର୍ଯ୍ୟ ହୋଇଛି। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବାଶିଷ ବେହେରାଙ୍କ ଦ୍ୱାରା ଆୟୋଜିତ ହୋଇଛି। ପ୍ରତ୍ୟେକ ଗ୍ରାମର ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ତାଲିମ ଦିଆଯାଇଥିଲା। ସମସ୍ତ ଗ୍ରାମର ନୂଆ ରୋଗୀଙ୍କୁ କିପରି ଚିହ୍ନଟ କରିବେ ଓ ତାହାର ପ୍ରତିକାର ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଘର ଘର ବୁଲି ଯେଉଁ ବ୍ୟକ୍ତିର ଦୁଇ ସପ୍ତାହରୁ ଅଧିକ କାଶ ହେଉଥିବା, କାଶରେ ରକ୍ତ ପଡୁଥିବ, ରାତିରେ ଜ୍ୱର ହେଉଥିବ, ଓଜନ ହ୍ରାସ ହେଉଥିବ, ତେବେ ତାଙ୍କୁ ତୁରନ୍ତ କଫ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦିଆଯିବ। ସେହିପରି ଜନସାଧାରଣଙ୍କୁ ସଚେତନ କରିବାକୁ ଏକ ପ୍ରଚାର ରଥକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉଦ୍‌ଘାଟନ କରିଥିଲେ। ଲମତାପୁଟରୁ ଏସ୍‌ଟିଏସ୍ ଅଭିଜିତ ଷଡ଼ଙ୍ଗୀ, ବିପିଏମ୍ ହେମରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ମଧୁବାବୁ, ରାଧାକୃଷ୍ଣ ବିଶ୍ୱାସରାୟଙ୍କ ଶ୍ରାଦ୍ଧ ଦିବସ



ଜୟପୁରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ସଭା।

ଜୟପୁର,୪।୨(ଡି.ଏନ୍.ଏ.)

ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଗାନ୍ଧୀବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ରାଧାକୃଷ୍ଣ ବିଶ୍ୱାସରାୟଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଛି। ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ଦ୍ୱିତୀୟ ଦୈନିକ ବଜାର ଓ ପୁରାତନ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖସ୍ଥିତ ବିଶ୍ୱାସରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ରଥପଡ଼ିଆ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିରେ ସଂସଦ ସଭାପତି ଇଂ. କେଦାରନାଥ ବେହେରା, ସଂପାଦକ ତପନ କିରଣ ତ୍ରିପାଠୀ, ସହସଂପାଦକ ବୈରାଗୀ ସାହୁ, କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସେହିପରି ଭାଷା ସୁରକ୍ଷା ସମିତିର ଜିଲା ଶାଖା ପକ୍ଷରୁ ମଧୁବାବୁଙ୍କ ଶ୍ରାଦ୍ଧଦିବସ ରଥପଡ଼ିଆ ଛକ ପ୍ରତିମୂର୍ତ୍ତିଠାରେ ହୋଇଥିଲା। ଅତିଥି ଭାବେ ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ବିନୋଦ ମହାପାତ୍ର, ଜିଲା ସଭାପତି ଜଗଦିଶ ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ଜିଲା ସଭାପତି ମଦନ ମୋହନ ନାୟକ, ସଂପାଦକ ରାଜେନ୍ଦ୍ର ଗୌଡ଼, ଦୁର୍ଗାମାଧବ ଶତପଥୀ, ଅଜିତ ସାହୁ ସାମିଲ ଥିଲେ। ସ୍ଥାନୀୟ ଇରିଗେସନ କଲୋନୀ ଅପରକୋଲାବ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଦ୍ୱାରା ଦୁଇ ମହାପୁରୁଷଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା।

# ଗ୍ରୀଷ୍ମ ପୂର୍ବରୁ ଡଙ୍ଗାଗୁଡ଼ାରେ ଜଳ ସଙ୍କଟ

ଜୟପୁର,୪।୨(ଡି.ଏନ୍.ଏ.)

**ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣରେ ସମସ୍ୟା**



ପାଇପ୍ ପାଣି ଆସୁ ନ ଥିବାରୁ ଅପେକ୍ଷାରେ ଡଙ୍ଗାଗୁଡ଼ା ସାହିବାସିନ୍ଦା।

ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଜୟପୁର ସହରର ଡଙ୍ଗାଗୁଡ଼ା ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଲାଣି। ୩ ଦିନ ହେଲାଣି ପାଇପ ଜଳ ଯୋଗାଣ ହେଉ ନ ଥିବା ଯୋଗୁ ସାହିବାସିନ୍ଦା ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବିଭାଗକୁ ଫୋନରେ ଅଭିଯୋଗ ଦିଆଯାଇଥିବା ସାହି ବାସିନ୍ଦା ତଥା ଜିଲା ଡମ ସଂଗଠନ ସଭାପତି ପବିତ୍ର ଖରା କହିଛନ୍ତି।

ଜୟପୁର ସହରର ୱାର୍ଡ ନମ୍ବର ୭ର ଡଙ୍ଗାଗୁଡ଼ାର ନୂଆଗୁଡ଼ା ଅଞ୍ଚଳକୁ ୩ ଦିନ ହେଲାଣି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ହୋଇପାରି ନାହିଁ। ଫଳରେ ସେଠାକାର ବାସିନ୍ଦା ପିଇବା ପାଣି ପାଇଁ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ନଳକୂପ, ୨୦୦ ମିଟର ଦୂରରେ ଥିବା ଅନ୍ୟ ଏକ ନଳକୂପ ଉପରେ ନିର୍ଭର କରୁଛନ୍ତି। ବିଦ୍ୟାଳୟ ନଳକୂପରୁ ବାରମ୍ବାର ପାଣି ନେଲେ ତାହା ଖରାପ ହେବ କହି ଶିକ୍ଷୟିତ୍ରୀମାନେ ମନା କରୁଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ନିକଟସ୍ଥ କୋଲାବ ମୁଖ୍ୟ କେନାଲର ଜଳକୁ ସେମାନେ ବ୍ୟବହାର କରୁଛନ୍ତି। କିନ୍ତୁ କେନାଲରେ ପାଣି ଛଡ଼ାଯାଉଥିବା ବେଳେ ଜଳସ୍ରୋତରେ ଭାସିଯିବାର ଆଶଙ୍କା ଥିବାରୁ ସାହିବାସିନ୍ଦା ଛୋଟ ଛୁଆଙ୍କୁ ନେଇ କେନାଲ ଗାଧୋଇବାକୁ ଯିବା ପାଇଁ ଭୟ କରୁଛନ୍ତି। ୩ ଦିନ ତଳେ ଜନସ୍ୱାସ୍ଥ୍ୟ ବିଭାଗ ପାଇପ ଜଳ ଯୋଗାଉଥିଲା। କିନ୍ତୁ ଏହି ପାଣି ପାଇପ ମାଧ୍ୟମରେ ରାତି ୧୨ଟା ପରେ ଆସୁଥିବା ଯୋଗୁ ଅଧିକାଂଶ ଶ୍ରମିକ ଶ୍ରେଣୀର ଲୋକେ ଦିନ ସାରା କାମ କରିବା ପରେ ରାତିରେ ପାଣି ସଂଗ୍ରହ କରିବା ସମସ୍ୟା ହେଉଥିଲା। ଏନେଇ ବିଭାଗ ନିକଟରେ ସାହି ବାସିନ୍ଦା ଅଭିଯୋଗ କରି କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନାହିଁ। ଏନେଇ ସାହିର ମହିଳା ଦୁର୍ଗା ପରଜା, ଚିତ୍ରା ଗରଡ଼ା, ମୋତି ହରିଜନ, ଗୌରୀ ବାଘ, ଜି. ଲକ୍ଷ୍ମୀ, ଡମୁଣି ମୁଦୁଲି, ଜମେଇ ପରଜା, ପୂର୍ଣ୍ଣ ପରଜା, ସୁଲି ମାଛ, ଜି. ସୁରିଆ, ଫୁଲମତି ଗରଡ଼ା, କଳାବତୀ ବାଗ, ପାର୍ବତୀ ବାଘ ଅଭିଯୋଗ କରିଛନ୍ତି। ତୁରନ୍ତ ସମାଧାନ ନ ହେଲେ ଗରା, ବାଲତି ନେଇ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିରଞ୍ଜୀବୀ ମାହାଲି କହିଛନ୍ତି, ପୂର୍ବରୁ ରାତିରେ ପାଇପ ପାଣି ଦିଆଯାଉଥିଲା। ବର୍ତ୍ତମାନ ସମୟ ପରିବର୍ତ୍ତନ କରି ଅପରାହ୍ନରେ ତାହା ଦିଆଯାଉଥିବା କହିଛନ୍ତି। ଅପରପକ୍ଷରେ ଅପରାହ୍ନରେ ପାଣି ଆସୁ ନ ଥିବା ସାହିବାସନ୍ଦା ଅଭିଯୋଗ କରିଛନ୍ତି।

